


## ଓଡ଼ିଶାରେ ବିଜ୍ଞାନ ସଂସ୍ଥା ପ୍ରତିଷ୍ଠା ଆନ୍ଦୋଳନ ତେଜିଲା

ଓଡ଼ିଶା ଡଟ୍ କମ୍ ସମ୍ବାଦଦାତା

ଭୁବନେଶ୍ୱର, ନଭେମ୍ବର ୨୧(ଓଡ଼ିଶା ଡଟ୍ କମ୍) ଓଡ଼ିଶାରୁ ପ୍ରସ୍ତାବିତ ଜାତୀୟ ବିଜ୍ଞାନ ସଂସ୍ଥାର ସ୍ଥାନାନ୍ତର ନେଇ ରାଜ୍ୟର ବିଭିନ୍ନ ବର୍ଗରେ ଅସନ୍ତୋଷ ସୃଷ୍ଟି ହେବା ସହ ବ୍ୟାପକ ଆନ୍ଦୋଳନ ହେବାର ସମ୍ଭାବନା ସୃଷ୍ଟି ହୋଇଛି ।

୨୦୦୩ ଡ଼ିସେମ୍ବରରେ ତତ୍କାଳୀନ ମାନବ ସମ୍ବଳ ବିକାଶ ମନ୍ତ୍ରୀ ଭାରତୀୟ ବିଜ୍ଞାନ ସଂସ୍ଥାନ ଦେଶର ଚାରୋଟି ସହର ଯଥା ପୁନେ, ଭୁବନେଶ୍ୱର,ଆହ୍ଲାବାଦ ଓ ଚେନ୍ନାଇରେ ପ୍ରତିଷ୍ଠା କରିବା ପାଇଁ ଘୋଷଣା କରିଥିଲେ ।

ଗତ ସେପ୍ଟେମ୍ବର ୨୮ ତାରିଖରେ ପ୍ରଧାନମନ୍ତ୍ରୀ କରିଥିବା ଘୋଷଣା ଅନୁସାରେ କୋଲକାତା ଏବଂ ପୁନେରେ 'ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍‌ସ ଫର୍ ଏଜୁକେସନଆଣ୍ଡ ରିସର୍ଚ୍ଚ' ପ୍ରତିଷ୍ଠା ହେବ ।

ତେବେ ଜାତୀୟ ବିଜ୍ଞାନ ସଂସ୍ଥାର ନାମ ବଦଳାଇ ଏହି ଅନୁଷ୍ଠାନକୁ କୋଲକାତାକୁ ସ୍ଥାନାନ୍ତର କରାଯାଇଛି ବୋଲି ଅଭିଯୋଗ କରି ମୁଖ୍ୟମନ୍ତ୍ରୀ, ପ୍ରବାସୀ ଓଡ଼ିଆ, ରାଜନେତାଙ୍କ ସମେତ ରାଜ୍ୟର ବୁଦ୍ଧିଜୀବିମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ।

ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁଁ ପ୍ରସ୍ତାବିତ ସଂସ୍ଥା ରାଜ୍ୟରୁ ସ୍ଥାନାନ୍ତର ହୋଇଥିବା ଅଭିଯୋଗ କରି ରବିବାର ଭୁବନେଶ୍ୱରର ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରେକ୍ଷାଳୟରେ ଏକ ରାଜ୍ୟ ସ୍ତରୀୟ ଛାତ୍ର ସମାବେଶ ଅନୁଷ୍ଠିତ ହୋଇଛି ।

ନିଜ ନିଜ ମଧ୍ୟରେ ମତ ପାର୍ଥକ୍ୟକୁ ଭୁଲି ରାଜ୍ୟ ଯୁବ ଜନତା, ଯୁବ ବିଜେଡ଼ି, ଯୁବ କଂଗ୍ରେସ, ଏଆଇଏସ୍‌ଏଫ୍ ଆଦି ଛାତ୍ର ସଂଗଠନର ନେତାମାନେ କେନ୍ଦ୍ର ସରକାର ରାଜ୍ୟ ପ୍ରତି କରିଥିବା ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ପାଇଁ ନିଷ୍ପତ୍ତି ନେଇଥିବା ଜଣେ ଛାତ୍ର ନେତା କହିଛନ୍ତି ।

କଟକ, ପୁରୀ, ଖୋର୍ଦ୍ଧା, ବାଲେଶ୍ୱର, ଫୁଲବାଣୀ, ଜଗତସିଂହପୁର ସମେତ ପ୍ରାୟ ୨୦ ଟି ଜିଲ୍ଲାର ପ୍ରାୟ ୪୦୦ରୁ ଉର୍ଦ୍ଧ୍ୱ ଛାତ୍ର ପ୍ରତିନିଧିଙ୍କ ସମେତ ବହୁ ଶିକ୍ଷାବିତ୍, ସ୍ୱେଚ୍ଛାସେବୀ ସଂଗଠନ 'ଆଗାମୀ ଓଡ଼ିଶା'ଦ୍ୱାରା ଆୟୋଜିତ ଏହି ସମାବେଶରେ ଯୋଗ ଦେଇଥିଲେ ।

ଛାତ୍ରଛାତ୍ରୀମାନେ ଏହି ଅବସରରେ ପ୍ରଧାନମନ୍ତ୍ରୀ, ଯୋଜନା କମିଶନ ଉପାଧକ୍ଷ, ବିଜ୍ଞାନ ଓ କାରିଗରୀ ବିଭାଗ ମୁଖ୍ୟ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରିଥିଲେ ।

ସେମାନେ ରାଜଭବନ ସମ୍ମୁଖରେ ଧାରଣା ଦେବା ପରେ ଯଦି ଦାବି ପୂରଣ ନ ହୁଏ, ତେବେ ଛାତ୍ର ସଂଗଠନ ଗୁଡ଼ିକ ଦିଲ୍ଲୀରେ ଧାରଣା ଦେବାକୁ ନିଷ୍ପତ୍ତି ନେଇଥିବା ସେ କହିଛନ୍ତି ।

ଓଡ଼ିଶା ଡଟ୍ କମ୍

## ସପିଙ୍ଗ୍ ଜୋନ୍

**ପରିଧାନ**

ସଲ୍ୱାର କାମିଜ୍ - ଶାଢ଼ୀ - ସାରଙ୍ଗ - କୁର୍ତ୍ତା - ଚୋଲି - ଟପ୍ସ୍

**ଘରକରଣା ସାମଗ୍ରୀ**

ଇଲୋକଟ୍ରୋନିକ୍ସ - ଘରକରଣା ସାମଗ୍ରୀ - ରୋଷେଇ ସାମଗ୍ରୀ - ସୁନା ଗହଣା - ଚମଡା ସାମଗ୍ରୀ - ଘଣ୍ଟା

**ଅନ୍ୟାନ୍ୟ**

ଜ୍ୟୋତିଷୀ - ବହି ଏବଂ ସିଡ଼ି -ଭାରତ ଦର୍ଶନ - ବନ୍ଧୁ ଉପହାର ସାମଗ୍ରୀ - ଭାରତକୁ ରାକ୍ଷୀ - ଆମେରିକାକୁ ରାକ୍ଷୀ - ଆମେରିକାକୁ ମିଠା - ଅନ୍ୟାନ୍ୟ ପରିଧାନ - ବ୍ୟାଗ - ୱାଲ ହେଙ୍ଗିଙ୍ଗ୍ - ତାଜା ଫୁଲ - ତାଜା ଫଳ -କେକ୍

Contact address: info@odisha.com , odisha@rediffmail.com
Copy right 2004-2009 odisha.com, All rights reserved
Editor in Chief: JATINDRA DASH
ଓଡ଼ିଶା ଡ଼ଟ୍ କମ୍‌ର ଘୋଷଣାନାମା